# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୦୯.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ଶ୍ରୀମତୀ ସ୍ମୃତିଶିଖା ବରିସଲ,
୩. ଶ୍ରୀ ଅଜିତ୍ ବେହେରା,
୪. ସକିବା ମୁଶରତ୍,
୫. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୬. ଶ୍ରୀମତୀ ପୂଜା ବେହେରା

ଅଦ୍ୟ ତା ୧୬.୦୯.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ଝରଣାସାହି ବସ୍ତି ବାସିନ୍ଦା ମାନଙ୍କୁ in-situ Housing Project ରେ ଥଇଥାନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) କୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ-୧୬, ୨୦,୨୧ ଓ ୨୬ ର ସୀମା ବିବାଦ ଯୋଗୁଁ ଜାଗା ମିଶନ୍ କାର୍ଯ୍ୟ ଗୁଡ଼ିକ ସମ୍ପାଦନ ହୋଇପାରୁନାହିଁ । ଉତର ଜୋନ୍‌ର ଉପ ଆୟୁକ୍ତ, ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର, ZCO, ଜାଗା ମିଶନ୍‌ର Project Manager ଓ ଅମିନଙ୍କୁ ନେଇ ଏହି ବିବାଦର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଜାଗା ମିଶନ୍ କାର୍ଯ୍ୟ ଗୁଡ଼ିକ ଅଗ୍ରଗତି ହେଉନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ଏହି କାର୍ଯ୍ୟ ଗୁଡ଼ିକୁ କମିଟିଙ୍କ ଦ୍ୱାରା Zone wise Review କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ରେଲୱେ ଜାଗାରେ ଯେଉଁସବୁ ବସ୍ତି ରହିଅଛି, ସେମାନେ ରାଜିବ ଆବାସ ଯୋଜନା ସର୍ଭେ ତାଲିକାରେ ଅଛନ୍ତି । ରାଜ୍ୟ ସରକାର ସେମାନଙ୍କୁ ଥଇଥାନ କରିବା ପାଇଁ ବ୍ୟବସ୍ଥା କରୁଛନ୍ତି, କିନ୍ତୁ ରେଲୱେ ବିଭାଗ ସେହି ବସ୍ତି ବାସିନ୍ଦା ମାନଙ୍କୁ unauthorized Occupancy କହି ଉଚ୍ଛେଦ କରିବା ପାଇଁ ତାଗିଦ୍ କରୁଅଛି, ତେଣୁ ରେଲୱେ ଜାଗାରେ ବସବାସ କରୁଥିବା ଯେଉଁ ବସ୍ତିବାସିନ୍ଦାଙ୍କ ନାମ ରାଜିବ ଆବାସ ଯୋଜନା ତାଲିକାରେ ଥିବ ସେମାନଙ୍କୁ ଚନ୍ଦ୍ରଶେଖରପୁର ସ୍ଥିତ ଆଫୋଡ଼େବୁଲ୍ ହାଉସିଂ ପ୍ରୋଜେକ୍ଟରେ ଥଇଥାନ କରାଯାଉ ଏବଂ ସେମାନଙ୍କୁ ଥଇଥାନ ନକରିବା ପର୍ଯ୍ୟନ୍ତ ସେଠାରୁ ଉଚ୍ଛେଦ ନକରିବା ପାଇଁ ରେଲୱେ ବିଭାଗକୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ବସ୍ତିବାସିନ୍ଦା ମାନଙ୍କୁ ଥଇଥାନ କରିବା ପାଇଁ ରଙ୍ଗମାଟିଆ ଓ ଗାଡ଼କଣ ଠାରେ ନିର୍ମାଣ ହୋଇଥିବା ହାଉସିଂ ପ୍ରୋଜେକ୍ଟ ଦେଖିବା ପାଇଁ ଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୫୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୬.୦୯.୨୦୨୨ ରିଖ